# ସତ୍ୟବାକ୍ୟ

# THE WORD OF TRUTH

## JULY & AUGUST - 2010

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.XV.July & August-2010.No-4

Published every two months in **Oriya** language for the Restoration of pure New Testament Christianity


Hear **SATYA VANI Oriya Radio** programme on
**Radio SriLanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XV KAKINADA JULY-AUG-2010

## ମଣ୍ଡଳୀର ସ୍ଥାପନ

### (Establishment of the Church)

କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏକତ୍ରିତ ଲୋକସମୂହଙ୍କ ସମଷ୍ଟିଙ୍କୁ ମଣ୍ଡଳୀ କହନ୍ତି । "ଖ୍ରୀଷ୍ଟଙ୍କ ମଣ୍ଡଳୀ" (Church of Christ) ତାହାଙ୍କଠାରେ ବିଶ୍ୱାସ କରୁଥିବା, ତାହାଙ୍କ ଆଜ୍ଞା ପାଳନ କରିଥିବା ଆହ୍ୱାନ ପ୍ରାପ୍ତ ଲୋକମାନଙ୍କ ଦ୍ୱାରା ଗଠିତ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନର ବହୁ ବର୍ଷ ପୂର୍ବେ ଯିଶାଇୟ, ଯୋୟେଲ ଓ ଦାନିୟେଲ ପ୍ରଭୃତି ଭାବବାଦୀମାନଙ୍କ ଦ୍ୱାରା, ଭାବବାଣୀ ପ୍ରକଟ ହୋଇଥିଲା । ଏହା କେଉଁଠି, କେବେ, କାହାଦ୍ୱାର, ସ୍ଥାପନର କାରଣ ଅନେକ ବର୍ଷ ପୂର୍ବେ ସେହି ଭାବବାଦୀମାନଙ୍କ ଦ୍ୱାରା ଜଣାଇ ଦିଆଯାଇଥିଲା । ଯିଶାଇୟଙ୍କ ପୁସ୍ତକ ଅନୁଯାୟୀ "ଶେଷ କାଳରେ ଏ ରୂପ ଘଟି. ସଦାପ୍ରଭୁଙ୍କ ଗୃହର ପର୍ବତ ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ ଓ ଉପ ପର୍ବତଗଣ ଅପେକ୍ଷା ଉଚ୍ଚୀକୃତ ହେବ, ଆଉ ସମୁଦାୟ ଗୋଷ୍ଠୀ ଯାଉ ୨ କହିବେ, ତୁମ୍ଭେମାନେ ଆସ ଆମ୍ଭେମାନେ ତାହାଙ୍କ ମାର୍ଗରେ ଗମନ କରିବା; କାରଣ ସିୟୋନ ଠାରୁ ବ୍ୟବସ୍ଥା ଓ ଯିରୁଶାଲମଠାରୁ ସଦାପ୍ରଭୁଙ୍କର ବାକ୍ୟ ନିର୍ଗତ ହେବ ।" (ଯିଶାଇୟ ୨:୨,୩)

"ତହିଁ ଉତ୍ତାରେ ଆମ୍ଭେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢାଳିବା; ତହିଁରେ ତୁମ୍ଭମାନଙ୍କର ପୁତ୍ରଗଣ ଓ କନ୍ୟାଗଣ ଭବିଷ୍ୟତ ବାକ୍ୟ ପ୍ରଚାର କରିବେ, ତୁମ୍ଭେମାନଙ୍କର ବୃଦ୍ଧ ଲୋକମାନେ ସ୍ୱପ୍ନ ଦେଖିବେ । ତୁମ୍ଭେମାନଙ୍କର ଯୁବା ଲୋକମାନେ ଦର୍ଶନ ପାଇବେ । ଆଉ ସେ ସମୟରେ ମଧ୍ୟ ଆମ୍ଭେ ଦାସଦାସୀଗଣର ଉପରେ ଆପଣାର ଆତ୍ମା ଢାଳିବା ।" ବୋଲି ଯୋୟେଲ ୨:୨୮, ୨୯ ରେ ଲେଖାଯାଏ । ଦାନିୟେଲ ୨:

୪ ଅନୁଯାୟୀ "ପୁଣି ସେହି ରାଜଗଣର ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ ତାହା କଦାଚ ବିନଷ୍ଟ ହେବ ନାହିଁ । ମାତ୍ର ତାହା ଏହିସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ କରି ଆପେ ଚିରସ୍ଥାୟୀ ହେବ ।"

ଏହିପରି ଈଶ୍ୱରଙ୍କ ରାଜ୍ୟ ସ୍ଥାପିତ ହେବାର ଅନେକ ଭାବବାଣୀ ବାଇବଲରେ ପଢ଼ିପାରୁ । ଖ୍ରୀଷ୍ଟ ଏପରି କହିଅଛନ୍ତି, "ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି । ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି । ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।" (ମାଥିଉ ୧୬ :୧୮) । ଏହି ବାକ୍ୟ ଦ୍ୱାରା ସେ ପର୍ଯ୍ୟନ୍ତ ମଣ୍ଡଳୀ ସ୍ଥାପିତ ହୋଇ ନଥିଲା କିନ୍ତୁ ଶୀଘ୍ର ସ୍ଥାପିତ ହେବାର ଥିଲା ବୋଲି ଜାଣିପାରୁ । ପ୍ରେରିତ ପିତର ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ବୋଲି ସ୍ୱୀକାର କଲାପରେ ସେ ତାହାକୁ କହିଲେ "ହେ ଯୂନସର ପୁତ୍ର ଶିମୋନ ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି ।" (ମାଥିଉ ୧୬ : ୧୭) ପିତର କରିଥିବା ସ୍ୱୀକାର ଉପରେ ସେ ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ । ପିତର କଅଣ ସ୍ୱୀକାର କରିଥିଲେ ? ସେ, ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ବୋଲି ସ୍ୱୀକାର କରିଥିଲେ । ତେଣୁ କରି ମଣ୍ଡଳୀ ପିତରଙ୍କ ନାମରେ ସ୍ଥାପିତ ନ ହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । "ମୁଁ ଆପଣା ମଣ୍ଡଳୀ ତୋଳିବି" ବୋଲି ନିଜେ ଯୀଶୁଖ୍ରୀଷ୍ଟ କହିଥିଲେ । ମଣ୍ଡଳୀ ମନୁଷ୍ୟମାନଙ୍କର ନୁହେଁ ଖ୍ରୀଷ୍ଟଙ୍କର । ତେଣୁ ତାହା ଖ୍ରୀଷ୍ଟଙ୍କ ମଣ୍ଡଳୀ (Church of Christ) ବୋଲି ନାମିତ ହେବା ଆବଶ୍ୟକ ।

ମାର୍କ ୯:୧ ଅନୁଯାୟୀ, 'ପୁନଶ୍ଚ ସେ ସେମାନଙ୍କୁ କହିଲେ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଈଶ୍ୱର ରାଜ୍ୟକୁ ପରାକ୍ରମରେ ଉପସ୍ଥିତ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ ।" ଯୀଶୁଖ୍ରୀଷ୍ଟ ତାହାଙ୍କ ରାଜ୍ୟର ଅର୍ଥାତ ମଣ୍ଡଳୀର ସ୍ଥାପନ ବିଷୟରେ ପ୍ରତିଜ୍ଞା କରି ଅଛନ୍ତି । ସେହି ସମୟରେ ଯୀଶୁଙ୍କୁ ଘେରି ଠିଆ ହୋଇଥିବା ଲୋକ ସମୂହଙ୍କ ମଧ୍ୟରୁ କେତେକ, ଈଶ୍ୱରଙ୍କ ରାଜ୍ୟ ପରାକ୍ରମରେ ଉପସ୍ଥିତ ହେବା ପର୍ଯ୍ୟନ୍ତ ଜୀବିତ ଥିବେ । ଏତଦ୍ୱାରା ଆମ୍ଭେମାନେ ଏହା ଜାଣିପାରୁ ଯେ, ଈଶ୍ୱରଙ୍କ ରାଜ୍ୟ ବା ଖ୍ରୀଷ୍ଟଙ୍କ ମଣ୍ଡଳୀ ଅବିଳମ୍ବେ ସ୍ଥାପନ ହେବାର ଥିଲା ।

ପ୍ରେରିତ ଦ୍ୱିତୀୟ ଅଧ୍ୟାୟରେ ମଣ୍ଡଳୀ ସ୍ଥାପନର ସୁନ୍ଦର ବିବରଣ ପଢ଼ିପାରୁ । ପବିତ୍ରଆତ୍ମା, ପେଣ୍ଟିକଷ୍ଟ ଦିନରେ ଅବତରଣ କରିଥିଲେ । ପ୍ରେରିତମାନେ ପବିତ୍ର ଆତ୍ମାଙ୍କ

ବାପ୍ତିସ୍ମରେ ବାପ୍ତିଜିତ ହୋଇ, ବିଭିନ୍ନ ଭାଷାରେ କଥା କହିବାକୁ ଓ ଅନେକ ଆଶ୍ଚର୍ଯ୍ୟ କର୍ମ କରିବାକୁ ଶକ୍ତି ପାଇଥିଲେ । ତେଣୁକରି ମାର୍କ ୯:୧ ରେ ଯୀଶୁ କହିଥିବା ବାକ୍ୟ ଏଠାରେ ସଫଳ ହୋଇଅଛି । ପିତର ମଧ୍ୟ "ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତି ଅଛି ଏ ସେହି ଘଟଣା" (ପ୍ରେରିତ ୨ :୧୬) ବୋଲି କହିଅଛନ୍ତି । ତତ୍ପରେ ସେ, ଯୋୟେଲ ଭାବବାଦୀଙ୍କ ଦ୍ୱାରା ପ୍ରକାଶିତ ଭାବବାଣୀ ଉଲ୍ଲେଖ କରନ୍ତି ।

ଈଶ୍ୱରଙ୍କ ସ୍ଥାପିତ ରାଜ୍ୟ ଅଟଳ । ଯେଣୁ ଏବ୍ରୀ ପତ୍ରର ଲେଖକ ଏପରି ଲେଖନ୍ତି, "ଅତଏବ ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ । କାରଣ ଆମ୍ଭମାନଙ୍କର ଈଶ୍ୱର ଗ୍ରାସକାରୀ ଅଗ୍ନିସ୍ୱରୂପ ।" (ଏବ୍ରୀ ୧୨: ୨୮) ଈଶ୍ୱରଙ୍କ ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କର ମଣ୍ଡଳୀ ଏବେ ପର୍ଯ୍ୟନ୍ତ ରହିଅଛି ଓ ରହିଥିବ ଏହିପରି ଭାବେ, ଦାନିୟେଲ ୨: ୪୯ ସଫଳ ହୋଇଅଛି ।

ପେଣ୍ଟିକଷ୍ଟ ଦିନରେ, ମଣ୍ଡଳୀର ସ୍ଥାପନ ହେବା ଦ୍ୱାରା ଯିଶାଇୟଙ୍କ ଲିଖିତ (ଯିଶାଇୟ ୨ : ୨,୩) ଭାବବାଣୀ ସଫଳ ହୋଇ ଅଛି । ମଣ୍ଡଳୀ ଯିରୁଶାଲମରେ, ଖ୍ରୀ:ପୂ ୩୩ ରେ ସ୍ଥାପିତ ହୋଇଥିଲା । ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରାଗଲା ଓ ଯେଉଁମାନେ ଈଶ୍ୱରଙ୍କ ବାକ୍ୟକୁ ଆଜ୍ଞାକାରୀ ହେଲେ, ସେମାନଙ୍କୁ ସେ ତାହାଙ୍କ ମଣ୍ଡଳୀରେ ଯୋଗ କଲେ । (ପ୍ରେରିତ ୨ : ୪୭) । ମାଥିଉ ୧୬:୧୮ ବାକ୍ୟରେ ଯୀଶୁ ଆପଣା ମଣ୍ଡଳୀ ତୋଳିବା ପାଇଁ ପ୍ରତିଜ୍ଞା କରିଥିଲେ ଓ ସେ ଆପଣା ଶିଷ୍ୟମାନଙ୍କ ଦ୍ୱାରା ସେ ତୋଳିଥିଲେ । ସେହି ମଣ୍ଡଳୀ ପ୍ରସ୍ତର ଉପରେ ସ୍ଥାପିତ ହୋଇଥିଲା ଓ ସେହି ପ୍ରସ୍ତର ଖ୍ରୀଷ୍ଟ ଅଟନ୍ତି । (୧ମ କରିନ୍ଥୀ ୩:୧୧)

ପିତର କିମ୍ବା ଯୋହନଙ୍କ ଦ୍ୱାରା ମଣ୍ଡଳୀ ସ୍ଥାପିତ ନ ହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ତେବେ ଆମ୍ଭେମାନେ କେଉଁ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ ? ଆମ୍ଭେମାନେ, ଈଶ୍ୱରଙ୍କ ଦ୍ୱାରା ଯୋଜିତ, ଭବିଷ୍ୟତବାଣୀ ଦ୍ୱାରା ପ୍ରକାଶିତ ଓ ତାହାଙ୍କ ପୁତ୍ରଙ୍କ ରକ୍ତଦ୍ୱାରା ସ୍ଥାପିତ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ ।

ଆଜି, ଜଗତରେ ଅନେକ ମନୁଷ୍ୟ ସ୍ଥାପିତ ମଣ୍ଡଳୀଗୁଡିକ ରହିଅଛି । ସେଗୁଡ଼ିକ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ନୁହେଁ । ଖ୍ରୀଷ୍ଟ, ମଣ୍ଡଳୀ ରୂପେ ଶରୀରରୁ ମସ୍ତକ ସ୍ୱରୂପ (କଲସୀ ୧ :୧୮) ସେ ତାହାର ତ୍ରାଣକର୍ତ୍ତା (ଏଫିସୀ ୫ : ୨୩) ଓ ଭିତ୍ତିମୂଳ ଅଟନ୍ତି (୧ମ କରନ୍ଥି ୩: ୧୧) । ଏହି ମଣ୍ଡଳୀ ତାହାଙ୍କ ନାମ ଧାରଣ କରେ (ରୋମୀୟ ୧୬ : ୧୬) । ଆଉ ତାହାକୁ ନେଇଯିବା ପାଇଁ ସେ ପୁନର୍ବାର ଫେରି ଆସିବେ । (ଏଫିସୀ ୫:୨୭) ।

ତେଣୁ କରି, ଆମ୍ଭେମାନେ ସେହି ମଣ୍ଡଳୀର ସଭ୍ୟ ହେବା ।

ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ଓ ମନୁଷ୍ୟ ସ୍ଥାପିତ ମଣ୍ଡଳୀମାନଙ୍କ ମଧ୍ୟରେ ପାର୍ଥକ୍ୟ କିପରି ଜାଣି ପାରିବା ? ଖ୍ରୀଷ୍ଟଙ୍କ ମଣ୍ଡଳୀ ଯିରୁଶାଲମରେ, ଖ୍ରୀଷ୍ଟ ଜନ୍ମ ୩୩ ରେ ସ୍ଥାପିତ ହୋଇଥିଲା । ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କରି, ନୂତନ ନିୟମରେ ଲିଖିତ ପଦ୍ଧତି ଅନୁସରଣ କରେ । ଏଫିସୀ ୪:୪ ରେ ଲିଖିତ ବାକ୍ୟାନୁଯାୟୀ, କେବଳ ଏକ ମଣ୍ଡଳୀ ଅଛି । ସେହି ମଣ୍ଡଳୀ, ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ ।

*- J.C. Choate*

❋❋❋

# ଅତ୍ୟନ୍ତ ପ୍ରିୟ ଦାନିୟେଲ୍

## (Greatly Beloved Daniel)

ଦାନିୟେଲ୍, ବାଇବଲରେ ଲିଖିତ ଏପରି ଏକ ବ୍ୟକ୍ତି ଯାହାଙ୍କ ବିଷୟରେ କେବେ ବି କୌଣସି ମନ୍ଦ ବିଷୟ ଲେଖାଯାଏ ନାହିଁ । ପରମେଶ୍ୱରଙ୍କ ଅତ୍ୟନ୍ତ ପ୍ରିୟ ସେବକଙ୍କ ପରିଚର୍ଯ୍ୟା ଇଶ୍ରାଏଲୀୟମାନଙ୍କ ବାବିଲ ଦେଶର ବନ୍ଦୀତ୍ୱର ସମ୍ପୂର୍ଣ୍ଣ ସତୁରୀ ବର୍ଷ କାଳ ପରିବ୍ୟାପ୍ତ ଥିଲା । 'ଦାନିୟେଲ୍' ନାମର ଅର୍ଥ 'ସଦାପ୍ରଭୁ ମୋହର ବିଚାରକର୍ତ୍ତା', ସେ ଓ ତାହାଙ୍କ ତିନିମିତ୍ର ଶଦ୍ରକ୍, ମୈଶିକ୍ ଓ ଆବେନଗୋ ଖ୍ରୀ.ପୂ. ୬୦୪ ବର୍ଷରେ ରାଜା ନବଖେଦନିତ୍ସରଙ୍କ ଦ୍ୱାରା ବନ୍ଦୀ ରୂପେ ଇଶ୍ରାଏଲ୍ ଦେଶରୁ ବାବିଲ ଦେଶକୁ ନୀତ ହୋଇଥିଲେ । ସେମାନେ ରାଜବଂଶଜ ଅର୍ଥାତ୍ ଦାଉଦ ରାଜାଙ୍କ ବଂଶଜ ଥିଲେ ।

ରାଜ ଦରବାରରେ ପରିଚର୍ଯ୍ୟାରେ ଉପଯୁକ୍ତ "......ନିଖୁନ୍ତ, ସୁନ୍ଦର ଓ ସମସ୍ତ ଜ୍ଞାନରେ ନିପୁଣ, ବିଦ୍ୟାରେ ବିଚକ୍ଷଣ, ବୁଦ୍ଧିରେ ବିଜ୍ଞ ଓ ରାଜପ୍ରାସାଦରେ ଠିଆ ହେବାକୁ ଯୋଗ୍ୟ କେତେକ ଯୁବା ଲୋକଙ୍କୁ ଆଣିବାକୁ ଓ କଲଦୀୟ ବିଦ୍ୟା ଓ ଭାଷା ଶିଖାଇବାକୁ ଆପଣାର ନପୁଂସକାଧିପତି ଅସ୍ପନଙ୍କୁ...." ରାଜା ନବଖଦ୍ନିତ୍ସର ଆଜ୍ଞା ଦେଲେ । (ଦାନିୟେଲ୍ ୧:୪) ସେମାନଙ୍କ ଖାଦ୍ୟ ରାଜାଙ୍କ ଆହାରୀୟ ଦ୍ରବ୍ୟରୁ ଓ ପାନୀୟ ରାଜକୀୟ ଦ୍ରାକ୍ଷାରସରୁ ଦୈନିକ ଅଂଶ ଦେବା ପାଇଁ ରାଜାଜ୍ଞା ହେଲା । ଇଶ୍ରାଏଲୀୟ ଯୁବକମାନଙ୍କ ମଧ୍ୟରେ ଦାନିୟେଲ୍, ଶଦ୍ରକ, ମୈଶିକ ଓ ଅବେଦ-ନଗୋ ମନୋନୀତ ହେଲେ । କଲଦୀୟମାନଙ୍କ ବିଦ୍ୟା ଓ ଭାଷା ଶିକ୍ଷା ଦେଇ ତିନିବର୍ଷ

ପରେ ରାଜାଙ୍କ ସମ୍ମୁଖରେ ସେମାନଙ୍କୁ ଉପସ୍ଥିତ କରିବା ନିମନ୍ତେ ନପୁଂସକାଧିପତି ଆଜ୍ଞାପିତ ହୋଇଥିଲେ ।

୧ମ ରାଜାବଳି ୪:୨୨-୨୩ ପଦଗୁଡ଼ିକରେ ଶଲୋମନ ମହାରାଜଙ୍କ ମେଜର ଖାଦ୍ୟ ବିଷୟରେ ପଢ଼ିଥାଉଁ । ତଦ୍‌ସଦୃଶ୍ୟ ବାବିଲର ମହାନ ରାଜା ନବଖଦ୍‌ନସରଙ୍କ ମେଜ ଅନେକ ସୁସ୍ୱାଦଯୁକ୍ତ ଖାଦ୍ୟରେ ଭରପୁର ଥିଲା । କିନ୍ତୁ, "ରାଜାର ଆହାରୀୟ ଦ୍ରବ୍ୟରେ ଓ ତାହାର ପାନୀୟ ଦ୍ରାକ୍ଷାରସରେ ଆପଣାକୁ ଅଶୁଚି ନ କରିବା ପାଇଁ ଦାନିୟେଲ୍ ନିଜ ମନରେ ସ୍ଥିର କଲେ, ଏହେତୁ ସେ ଯେପରି ଆପଣାକୁ ଅଶୁଚି ନ କରେ, ଏଥିପାଇଁ ସେ ନପୁଂସକାଧିପତିକି ନିବେଦନ କଲା ।" (ଦାନିୟେଲ୍ ୧:୪) ।

ରାଜାଙ୍କ ମେଜର ପରିବେଷ୍ଟିତ ମାଂସ, ସେମାନଙ୍କ ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପିତ ବଳିର ମାଂସ ଥିଲା । ଦ୍ୱିତୀୟରେ ଇଶ୍ରାଏଲୀୟମାନଙ୍କ ଖାଦ୍ୟ ନିମନ୍ତେ କେତେକ ପଶୁ ଅଶୁଚି ରୂପେ ସଦାପ୍ରଭୁ ଆଜ୍ଞା ଦେଇଥିଲେ । (ଲେବୀ ୧୧ମ ପର୍ବ ଓ ପ୍ରେରିତ ୧୦:୯-୧୪) । ଯଦିଓ ରାଜା ସେମାନଙ୍କୁ ଆପଣା ଖାଦ୍ୟ ଭୋଜନ କରିବା ନିମନ୍ତେ ଆଜ୍ଞା କରିଥିଲେ, ଦାନିୟେଲ ସଦାପ୍ରଭୁଙ୍କ ନିଷେଧିତ ଖାଦ୍ୟ ଭୋଜନ କରି ଆପଣାକୁ ଅଶୁଚି ନ କରିବା ନିମନ୍ତେ ଆପଣା ମନରେ ସ୍ଥିର କରିଥିଲେ । ରାଜାଙ୍କ ଆଜ୍ଞା ପାଳନ କରିବା ଠାରୁ, ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା ସେ ଶ୍ରେଷ୍ଠତର ମନେ କରିଥିଲେ । ସଦାପ୍ରଭୁଙ୍କ ଆଜ୍ଞା ପାଳନ ଅବଜ୍ଞା କରିବାର ଅର୍ଥ ଆପଣାକୁ ଅଶୁଚି କରବା । ସେ ରାଜାଙ୍କ ଠାରୁ ଅଧିକ ଭାବେ ସଦାପ୍ରଭୁଙ୍କୁ ଭୟ କରିଥିଲେ । ଯାକୁବଙ୍କ ପୁତ୍ର ଯୋସେଫ, ସଦାପ୍ରଭୁଙ୍କୁ ଭୟ କରି ପୋଟୀ ଫାରଙ୍କ ସ୍ତ୍ରୀଙ୍କ କାମଦୃଷ୍ଟିରୁ ପଳାୟନ କରିଥିଲେ । (ଆଦି ୩୯:୭-୨୩) । ପାପର କ୍ଷଣିକ ସୁଖଭୋଗ ଅପେକ୍ଷା ଇଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖଭୋଗ କରିବା ନିମନ୍ତେ ମୋଶା ପସନ୍ଦ କରି, ଫାରୋଙ୍କର କନ୍ୟାଙ୍କ ପୁତ୍ର ରୂପେ ଖ୍ୟାତ ହେବା ନିମନ୍ତେ ସେ ନାସ୍ତି କରିଥିଲେ । (ଏବ୍ରୀ ୧:୨୪-୨୬)

ସଦାପ୍ରଭୁଙ୍କ ବାକ୍ୟ ଅବଜ୍ଞା କରି, ଆମ୍ଭେମାନେ ଆପଣା ଆପଣାକୁ ଅଶୁଚି କରିଥାଉ । ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତରେ ଆପଣା ଆପଣା ପାପ ଠାରୁ ଆମ୍ଭେମାନେ ମୁକ୍ତ ହେଉ । ନୂତନ ନିୟମର ଲିଖିତ ଆଜ୍ଞାଗୁଡ଼ିକ ଅମାନ୍ୟ କରି, ଆମ୍ଭେମାନେ ଆପଣା ଆପଣାକୁ ଅଶୁଚି ନ କରୁ । ଯୀଶୁ କହିଲେ, "....କାରଣ ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୌର୍ଯ୍ୟ, ମିଥ୍ୟାବାଦୀ ଓ

ନିନ୍ଦା ବାହାରେ ଏହି ସମସ୍ତ ମନୁଷ୍ୟଙ୍କୁ ଅଶୁଚି କରେ......'' (ମାଥିଉ ୧୫:୧୮-୨୦ ଓ ଯାକୁବ ୧:୨୭) । ଦାନିୟେଲଙ୍କ ସଦୃଶ୍ୟ ଆମ୍ଭେମାନେ, ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରି, ଆପଣା ଆପଣାକୁ ଅଶୁଚି ନ କରିବା ନିମନ୍ତେ ଆପଣା ମନରେ ଦୃଢ଼ ସଂକଳ୍ପ ନେଉ । ଇଶ୍ରାଏଲ ସନ୍ତାନମାନେ ବାବିଲ ଦେଶର ଦାସତ୍ୱରୁ ଫେରି ଆସିବା ପରେ, ''......ସଦାପ୍ରଭଙ୍କ ବ୍ୟବସ୍ଥା ଅନୁସନ୍ଧାନ ଓ ପାଳନ କରିବାକୁ, ପୁଣି ଇସ୍ରାଏଲ ମଧ୍ୟରେ ବିଧି ଓ ଶାସନ ଶିକ୍ଷା ଦେବାକୁ ଆପଣା ମନ ନିବେଶ କରିଥିଲା ।'' (ଏଜ୍ରା ୭:୯) । ଉତ୍ତମ କାର୍ଯ୍ୟ କରିବା ନିମନ୍ତେ ଆମ୍ଭେମାନେ ଆପଣା, ହୃଦୟରେ ଦୃଢ଼ ନିଷ୍ପତ୍ତି ନେଉ

ଯୀଶୁ କହିଲେ, ''.......ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।'' (ମାଥିଉ ୬:୩୩) । ପରମେଶ୍ୱର ବାକ୍ୟ, ତାହାଙ୍କ ସାନ୍ନିଧ୍ୟ ଅନ୍ୱେଷଣ କରିବାକୁ, ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେବାକୁ, ଦୃଢ଼ ନିର୍ଣ୍ଣୟ ନେଉ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ସଦୃଶ୍ୟ ଆମ୍ଭେମାନେ ''ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ରହିବା ପାଇଁ ଆମ୍ଭମାନଙ୍କ ହୃଦୟରେ ଦୃଢ଼ ସଂକଳ୍ପ କରୁ (ପ୍ରେରିତ ୨:୪୨) । ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ନିମନ୍ତେ ଆମ୍ଭେମାନେ ଆପଣା ଆପଣା ହୃଦୟରେ ଦୃଢ଼ ସଂକଳ୍ପ (ଏବ୍ରୀ ୧୦:୨୫) ନେଉ । ଦାନ ସଂଗ୍ରହ ବିଷୟରେ ପ୍ରେରିତ ପାଉଲ, କରନ୍ଥୀ ମଣ୍ଡଳୀକୁ କହନ୍ତି, ''ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛନ୍ତି, ସେହିପରି କରନ୍ତୁ, କୁଣ୍ଠିତ ଭାବରେ ନୁହେଁ ଅବା ବାଧ୍ୟବାଧକତା ହେତୁରୁ ନୁହେଁ, କାରଣ ଈଶ୍ୱର ହୃଷ୍ଟଚିତ୍ତଦାତାଙ୍କୁ ଭଲ ପାଆନ୍ତି ।'' (୨ କରିନ୍ଥୀ ୯:୭) । ବାଳକର ଗନ୍ତବ୍ୟ ପଥରେ ତାହାଙ୍କୁ ଶିକ୍ଷିତ.... କରାଇବାକୁ, ଆମ୍ଭେମାନେ ଆମ୍ଭମାନଙ୍କ ହୃଦୟରେ ନିଶ୍ଚିତ କରୁ । (ହିତ ୨୨:୬) । ପରମେଶ୍ୱରଙ୍କ ବାକ୍ୟ ପ୍ରତିଦିନ ଧ୍ୟାନ କରି, ପ୍ରାର୍ଥନାଶୀଳ ଜୀବନଯାପନ କରିବା ନିମନ୍ତେ ଅମ୍ଭମାନଙ୍କ ହୃଦୟରେ ଦୃଢ଼ ସଂକଳ୍ପ ନେଉ ।

''......ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯେକୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟ ଥାଏ (ଫିଲିପି ୪:୮) ଅନ୍ୱେଷଣ କରିବା ନିମନ୍ତେ ଆମ୍ଭେମାନେ ଦାନିୟେଲ ଓ ତାହାଙ୍କ ସାଥି ସଦୃଶ୍ୟ ଦୃଢ଼ ସଂକଳ୍ପ କଲେ, ଆଶୀର୍ବାଦ ପ୍ରାପ୍ତ ହେବା । (ଦାନି ୧:୯) । ନପୁଂସକାଧିପତି ଅସ୍ପନ ସେମାନଙ୍କୁ ଦଶଦିନ ପରୀକ୍ଷା କରିବା ପରେ,

ଖାଦ୍ୟ ନିମନ୍ତେ ଶସ୍ୟ ଓ ପାନୀୟ ନିମନ୍ତେ ଜଳ ନିମନ୍ତେ ଜଳ ନିମନ୍ତେ ଅନୁମତି ଦେଲେ । ତିନିବର୍ଷ ଶେଷରେ ଦାନିୟେଲ ଓ ତାହାଙ୍କ ତିନି ସାଥିଙ୍କ ସମାନ କେହି ଦେଖା ଗଲେ ନାହିଁ । ଦେଶର ଜ୍ଞାନୀମାନଙ୍କ ଅପେକ୍ଷା, ସେମାନେ ଦଶଗୁଣ ଜ୍ଞାନୀ ଓ ଦକ୍ଷ ପ୍ରମାଣିତ ହେଲେ । (ଦାନିୟେଲ ୧:୨୦) ।

ପ୍ରେରିତ ପାଉଲ ଯୁବକ ତିମଥିଙ୍କୁ ଲେଖିଥିଲେ, "ଈଶ୍ୱର ପରାୟଣତା ଜୀବନଯାପନ କରିବା ନିମନ୍ତେ ଅଭ୍ୟାସ କର ... ମୁଁ ନ ଯିବା ପର୍ଯ୍ୟନ୍ତ ଶାସ୍ତ୍ର ପାଠ, ଉପଦେଶ ଓ ଶିକ୍ଷାଦାନରେ ମନଯୋଗ କର..... ଏହି ସମସ୍ତ ବିଷୟରେ ମନଯୋଗୀ ହୁଅ, ସେହି ସବୁରେ ପ୍ରବୃତ୍ତ ଥାଅ ।" (୧ମ ତୀମଥି ୪:୭, ୧୩-୧୪) । ସଦାପ୍ରଭୁଙ୍କ ସେବକ ଦାନିୟେଲ ଈଶ୍ୱର ପରାୟଣତା ଅଭ୍ୟାସ କରୁଥିଲେ । ତାହାଙ୍କ ବିଷୟରେ କୁହାଯାଏ, "ଅନନ୍ତର ଏହି ଲେଖା ସ୍ୱାକ୍ଷରିତ ହୋଇଅଛି ବୋଲି ଜାଣିଲା ଉତ୍ତାରେ ଦାନିୟେଲ ଆପଣା ଗୃହକୁ ଗଲେ, ତାଙ୍କ କୋଠରୀର ଝରକା ଯିରୂଶାଲମ ଆଡ଼େ ମେଲା ଥିଲା, ପୁଣି ସେ ପୂର୍ବେ ଯେପରି କରିଥାଆନ୍ତି, ତଦନୁସାରେ ଦିନ ମଧ୍ୟରେ ତିନିଥର ଆଣ୍ଠୁପାଡି ପ୍ରାର୍ଥନା କଲେ ଓ ଆପଣା ପରମେଶ୍ୱରଙ୍କ ଛାମୁରେ ଧନ୍ୟବାଦ ପ୍ରଦାନ କଲେ ।" (ଦାନିୟେଲ ୬:୧୦) । ଦାନିୟେଲ ଓ ଯୁବକ ତୀମଥି ସଦୃଶ୍ୟ ଆମ୍ଭେମାନେ ଈଶ୍ୱର ପରାୟଣତା ଅଭ୍ୟାସ କରୁ, ପରମେଶ୍ୱରଙ୍କ ଆଜ୍ଞାରୁ ବିମୁଖ ନହେବା ନିମନ୍ତେ, ଆମ୍ଭମାନଙ୍କ ହୃଦୟରେ ଦୃଢ଼ ସଂକଳ୍ପ ନେଲେ, ଆମ୍ଭେମାନେ ମଧ୍ୟ ସଦାପ୍ରଭୁଙ୍କ "ଅତିପ୍ରିୟ" ସନ୍ତାନ ହୋଇପାରିବା ।

***- Kabita Gootam***

❋❋❋

# ପ୍ରସ୍ତୁତ ହେଉ
## (Preparation)

ଶଲୋମନଙ୍କ ପୁତ୍ର ରିହବିୟାମ୍ ଏକ ଉତ୍ତମ ରାଜା ନ ଥିଲେ । ପ୍ରଜାମାନଙ୍କ ପ୍ରତି ତାହାଙ୍କ ଭାରୀ କର ଦ୍ୱାରା ଇସ୍ରାଏଲ୍ ରାଜ୍ୟ ବିଭକ୍ତ ହୋଇଥିଲା । ତାହାଙ୍କ ରାଜତ୍ୱ କଠିନମୟ ଥିଲା ଓ ସେ ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କଲେ । ତାହାଙ୍କ ବିଷୟରେ ବାକ୍ୟ କହେ, "ପୁଣି ସଦାପ୍ରଭୁଙ୍କର ଅନ୍ୱେଷଣ କରିବା ପାଇଁ ଆପଣା ମନ ନିବିଷ୍ଟ ନ କରିବାରୁ କୁକର୍ମ କଲା ।" (ଦ୍ୱିତୀୟ ବଂଶାବଳୀ ୧୨:୧୪) ।

ଆଜିର ସମାଜ ଏହି ଦୋଷରେ ଦୋଷୀ ସାବ୍ୟସ୍ତ ହେଉଅଛି । କାରଣ ଲୋକେ ପରମେଶ୍ୱରଙ୍କୁ ସତ୍ ହୃଦୟରେ ଅନ୍ୱେଷଣ କରୁ ନାହାନ୍ତି । ଚାଷ ଜମିରେ ବୀଜବପନ କରିବା ନିମନ୍ତେ ମାଟିକୁ ଯେପରି ପ୍ରସ୍ତୁତ କରାଯାଏ, ଈଶ୍ୱରଙ୍କ ବୀଜରୂପ ବିହନ ବପନ ନିମନ୍ତେ ଆମ୍ଭମାନଙ୍କ ହୃଦୟରୂପକ ଭୂମି ପ୍ରସ୍ତୁତ କରୁ ।

ତାହାଙ୍କ ଇଚ୍ଛା ପାଳନ କରିବା ନିମନ୍ତେ, ସଦାପ୍ରଭୁ ଆମ୍ଭମାନଙ୍କୁ ବଳକ୍ରାର କରନ୍ତି ନାହିଁ । ସେ ଆପଣା ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟର ଗୌରବ କରନ୍ତି । ଆମ୍ଭେମାନେ ପରମେଶ୍ୱରଙ୍କ ସେବା ନିମନ୍ତେ, ଆପଣାକୁ ପ୍ରସ୍ତୁତ କରୁ । ସିନୟ ପର୍ବତରୁ ସଦାପ୍ରଭୁଙ୍କ ଆଜ୍ଞାଗୁଡ଼ିକ ପ୍ରାପ୍ତ ହେବା ନିମନ୍ତେ ଇଶ୍ରାଏଲୀୟମାନେ ତିନି ଦିନ ଆପଣା ଆପଣାକୁ ପ୍ରସ୍ତୁତ କରିଥିଲେ । (ଯାତ୍ରା ୧୯:୧୦-୧୧) ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ଜଗତ, ହଜାର ହଜାର ବର୍ଷ ପୂର୍ବେ ପ୍ରସ୍ତୁତ ହୋଇଥିଲା । ମନୁଷ୍ୟର ପାପରେ ପତିତ ହେବା ଦିନବଧି ତ୍ରାଣକର୍ତ୍ତାଙ୍କର ଆଗମନ ପ୍ରତିଜ୍ଞାତ ହୋଇଅଛି । ଖ୍ରୀଷ୍ଟଙ୍କ ରାଜ୍ୟର (ମଣ୍ଡଳୀର) ସ୍ଥାପନ ପୂର୍ବେ, ମନୁଷ୍ୟମାନଙ୍କ ହୃଦୟ ପ୍ରସ୍ତୁତ କରାଯାଇଥିଲା । ବାପ୍ତିଜକ ଯୋହନ ଓ ଯୀଶୁଖ୍ରୀଷ୍ଟ ନିଜେ, 'ସ୍ୱର୍ଗରାଜ୍ୟ ସନ୍ନିକଟ' ବୋଲି ପ୍ରଚାର ଆରମ୍ଭ କରିଥିବା ବିଷୟ ମାଥିଉ ୩:୧-୨, ୪:୧୭ ପଦରେ ପଢ଼ିଥାଉ । ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ପୂର୍ବେ ମନୁଷ୍ୟ ଶିକ୍ଷିତ ହେବା ଆବଶ୍ୟକ ଜାଣି ଯୀଶୁ ଶିକ୍ଷା ଦେବାକୁ ଆରମ୍ଭ କଲେ । (ଲୂକ ୮:୧-୧୮) । ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ନିମନ୍ତେ ମନୁଷ୍ୟକୁ ପୁନଃଜନ୍ମ ନେବା ଆବଶ୍ୟକ ବୋଲି ସେ ଯୋହନ ୩:୩-୫ ରେ ଶିକ୍ଷା ଦେଇଅଛନ୍ତି । (ଯୋହନ ୩:୩-୫) । ତାହାଙ୍କ ରାଜ୍ୟ ଏକ କର୍ମକ୍ଷେତ୍ର ଓ ଜାଜ୍ୱଳ୍ୟ ଅଭିବୃଦ୍ଧିର ସ୍ଥାନ, ଏହା ସେ ଆପଣା ଉଦାହରଣ ଦ୍ୱାରା ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି ।

ଖ୍ରୀଷ୍ଟଙ୍କ ପରିଚର୍ଯ୍ୟା ନିମନ୍ତେ ଆମ୍ଭମାନଙ୍କୁ ପ୍ରସ୍ତୁତ ହେବା ଆବଶ୍ୟକ । "ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ । ହେ ପାପୀମାନେ, ତୁମ୍ଭମାନଙ୍କ ହସ୍ତ ଶୁଚି କର, ପୁଣି, ହେ ଦ୍ୱିମନା ମାନେ, ତୁମ୍ଭମାନଙ୍କ ହୃଦୟ ଶୁଦ୍ଧ କର । ଖେଦଯୁକ୍ତ ଓ ଶୋକାର୍ତ୍ତ ହୋଇ ରୋଦନ କର, ତୁମ୍ଭମାନଙ୍କ ହାସ୍ୟ ଶୋକରେ ଓ ତୁମ୍ଭମାନଙ୍କ ଆନନ୍ଦ ବିଷାଦରେ ପରିଣତ ହେଉ । ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର, ତାହାହେଲେ ସେ ତୁମ୍ଭମାନଙ୍କୁ ଉନ୍ନତ କରିବେ ।" (ଯାକୁବ ୪:୮-୧୦) । ଆମ୍ଭମାନଙ୍କ ପାପମୟ ସ୍ଥିତି ବିଷୟରେ ଜ୍ଞାତ ହୋଇ, ମନ ପରିବର୍ତ୍ତନ କରି, ତାହାଙ୍କ ବାକ୍ୟର ଆଜ୍ଞାବହ ହେଉ ।

ମନୁଷ୍ୟମାନେ ସତ୍ୟ ଶିକ୍ଷା ପ୍ରତି ଆସକ୍ତ ହୁଅନ୍ତି । (ଯୋହନ ୬:୪୪-

୪୫) । ସତ୍ୟ ଆମ୍ଭମାନଙ୍କୁ ମୁକ୍ତ କରେ (ଯୋହନ ୮:୩୨) । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ, ସମାଧି ପ୍ରାପ୍ତ ହେଲେ ଓ ତୃତୀୟ ଦିନରେ ପୁନଃରୁତ୍ଥିତ ହେଲେ । (୧ମ କରିନ୍ଥୀ ୧୫:୧-୪) । ସତ୍ୟମାନଙ୍କୁ ତିନୋଟି ଆଜ୍ଞା ଦିଏ, ବିଶ୍ୱାସ, ମନ ପରିବର୍ତ୍ତନ ଓ ବାପ୍ତିସ୍ମ । (ମାର୍କ ୧୬:୧୫-୧୬, ପ୍ରେରିତ ୨:୩୮) । ଏପରି ଭାବେ ବାପ୍ତିଜିତ ହେବା ପ୍ରତ୍ୟେକେ, ପ୍ରଭୁଙ୍କ ଦ୍ୱାରା, ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭)

ଏହା ଆତ୍ମିକ ଜୀବନ ପଥର ଅନ୍ତ ନୁହେଁ, ଆରମ୍ଭ ମାତ୍ର । ପ୍ରଭୁଙ୍କ ପ୍ରତ୍ୟେକ ସେବାକ୍ଷେତ୍ରରେ ପ୍ରସ୍ତୁତ ରହିବା ଆବଶ୍ୟକ । ଅପ୍ରସ୍ତୁତ ଭାବେ ପ୍ରଭୁ ଭୋଜରେ ଭାଗୀ ହେଲେ, ଅଭିଶପ୍ତ ହେବା । (ପ୍ରେରିତ ୨୦:୭) । ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନର ସ୍ମରଣାର୍ଥେ ଏହି ଭୋଜରେ ଭାଗୀ ହେବା ନିମନ୍ତେ, ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ (୧ କରିନ୍ଥୀ ୧୧:୨୩-୨୬) । ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରି କହନ୍ତି, "....ଯେକେହି ଅଯୋଗ୍ୟ ଭାବରେ, ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କର ଶରୀରର ଓ ରକ୍ତର ଦାୟୀ ହେବ ।" (୧ମ କରିନ୍ଥୀ ୧୧:୨୭) ଏଠାରେ 'ଅଯୋଗ୍ୟ'ର ଅର୍ଥ ଅପ୍ରସ୍ତୁତ ଭାବେ । ଯେକେହି ଅପ୍ରସ୍ତୁତ ଭାବେ ଅର୍ଥାତ୍ ବିଶେଷ ନ ମଣି ପ୍ରଭୁ ଭୋଜରେ ଭାଗୀ ହୁଏ, ସେ ଆପଣା ନିମନ୍ତେ ଦଣ୍ଡ ସଞ୍ଚିତ କରେ । (୨୯ତମ ପଦ)

ଆଧାତ୍ମିକ ଗୀତ, ସ୍ତୋତ୍ର ଓ ସଂକୀର୍ତ୍ତନ ଦ୍ୱାରା ପରିସ୍ଥିତିର ଶିକ୍ଷା ଓ ଚେତନା ଦେଉ (କଲସୀ ୩:୧୬ ଓ ଏଫିସୀ ୫:୧୯) ଆରାଧନାର କୌଣସି ଅଂଶ, ଅପ୍ରସ୍ତୁତ ଭାବେ ଅର୍ପଣ କଲେ, ତାହା ପ୍ରଭୁଙ୍କ ଅଗ୍ରାହ୍ୟ ହୁଏ । ପରମେଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ନିମନ୍ତେ ଆପଣା ଆପଣାକୁ ପ୍ରସ୍ତୁତ କରୁ । "ଯେଣୁ ଏଜ୍ରା ସଦାପ୍ରଭୁଙ୍କ ବ୍ୟବସ୍ଥା ଅନୁସନ୍ଧାନ ଓ ପାଳନ କରିବାକୁ, ପୁଣି ଇଶ୍ରାଏଲ୍ ମଧ୍ୟରେ ବିଧି ଓ ଶାସନ ଶିକ୍ଷା ଦେବାକୁ ଆପଣା ମନ ନିବେଶ କରିଥିଲା ।" (ଏଜ୍ରା ୭:୧୦) । ଶିକ୍ଷକ ଆପେ ସୂକ୍ଷ୍ମଭାବେ ଶିକ୍ଷା ନକଲେ, ସେ କିପରି ଅନ୍ୟମାନଙ୍କୁ ଶିକ୍ଷା ଦେଇପାରିବ । ଅନ୍ଧ ଅନ୍ଧକୁ ବାଟ ଦେଖାଇଲେ, ଦୁହେଁ ଖାତରେ ପଡ଼ିବେ । (ମାଥିଉ ୧୫:୧୪)

ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ମାର୍ଗ ଅନ୍ୱେଷଣ କରିବା ନିମନ୍ତେ ମନ ନିବିଷ୍ଟ କରିବା ।

***- Clifford Dixon***

❋❋❋

# ଆପଣାକୁ ନମ୍ର କର
## (Humble Yourself)

"ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ, ସେ ଈଶ୍ୱର ରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି, ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।" (ଫିଲିପ ୨:୫-୭)

ଯୀଶୁଖ୍ରୀଷ୍ଟ ନମ୍ରତାର ପ୍ରତିରୂପ । ପ୍ରକୃତ ଖ୍ରୀଷ୍ଟିୟାନମାନେ ତାହାଙ୍କ ଆଦର୍ଶ ଅନୁସରଣ କରନ୍ତି । ଯୀଶୁ ଈଶ୍ୱର ସ୍ୱରୂପୀ ହେଲେ ହେଁ, ଆପଣା ସମସ୍ତ ଗୌରବ ତ୍ୟାଗ କରି ମନୁଷ୍ୟ ରୂପରେ ଦାସ ରୂପ ଧାରଣ କରିଥିଲେ ।

ଏହି ଜଗତରେ ତାହାଙ୍କର ସ୍ୱଗୃହ କିଅବା ମୁଣ୍ଡ ଗୁଞ୍ଜିବାର ସ୍ଥାନ ନଥିଲା । ଶେଷରେ ସେ ନମ୍ରତା ସହ ରୋମୀୟ କ୍ରୁଶ ଚଢ଼ି, ଅତ୍ୟଧିକ କଷ୍ଟ ଓ ଲଜ୍ଜାକର ମୃତ୍ୟୁ ବରଣ କରିଥିଲେ । ସେ ମନୁଷ୍ୟମାନଙ୍କୁ ରକ୍ଷା କରିବା ନିମନ୍ତେ ଆପଣାକୁ ଅବନତ କରିଥିବାରୁ, ପିତା ପରମେଶ୍ୱର ତାହାଙ୍କୁ ମହିମାନ୍ୱିତ କରି ସ୍ୱର୍ଗ ଓ ପୃଥିବୀସ୍ଥ ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କଲେ, ଯଦି ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ଆପଣା ଆପଣାକୁ ନତ କରି ଆମ୍ଭମାନଙ୍କ ପ୍ରତିବାସୀଙ୍କର ସେବା କରୁ, ସେ ଆମ୍ଭମାନଙ୍କୁ ମଧ୍ୟ ଉନ୍ନତ କରି ମହିମାନ୍ୱିତ କରିବେ ।

ମୁକୁଟ ପ୍ରାପ୍ତି ପୂର୍ବେ କ୍ରୁଶ ବା କଷ୍ଟ ସହ୍ୟ କରିବାକୁ ପଡ଼େ । ନମ୍ରତା ଦ୍ୱାରା ପ୍ରକୃତି ମହନତା ପ୍ରାପ୍ତ ହୁଏ । "ମୋତେ ପ୍ରଦତ୍ତ ଅନୁଗ୍ରହ ଦ୍ୱାରା ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଜଣକୁ କହୁଅଛି, ଆପଣା ବିଷୟରେ ଯେପରି ମନେ କରିବା ଉଚିତ, ତାହା ଠାରୁ ଆପଣାକୁ ଅଧିକ ବଡ଼ ମନେ ନକର, କିନ୍ତୁ ଈଶ୍ୱର ଯାହାକୁ ଯେଉଁ ପରିମାଣରେ ବିଶ୍ୱାସ ବିତରଣ କରିଅଛନ୍ତି, ସେହି ଅନୁସାରେ ପ୍ରତ୍ୟେକ ଜଣ ସୁବୋଧର ପରି ଆପଣା ବିଷୟରେ ମନେ କର ।" (ରୋମୀୟ ୧୨:୩)

ଆପଣା ବିଷୟରେ ଆପେ ଗର୍ବ କରିବା ସ୍ୱାଭାବିକ ବିଷୟ । ଆମର କାର୍ଯ୍ୟ ଆମ ନିଜ ଦୃଷ୍ଟିରେ ଉତ୍ତମ ଦେଖାଯାଏ । କିନ୍ତୁ ଆମର ଦୁର୍ବଳତା ଅନ୍ୟମାନେ ଜାଣିପାରନ୍ତି । ଅନେକ ସମୟରେ ଆମର ଉଦ୍ୟମରେ ଆମେ ବିଫଳ ହେଉ । ମୁଁ

ଆପଣାକୁ ଏକ ନିପୁଣ କାର୍ଯ୍ୟକାରୀ ବୋଲି ମନେ କରିପାରେ, କିନ୍ତୁ ଶିକ୍ଷା ନିବିଶ ହୋଇଥାଇପାରେ । ମୁଁ ଆପଣାକୁ ଏକ ଶ୍ରେଷ୍ଠ ଶିକ୍ଷକ ମନେ କରିପାରେ, କିନ୍ତୁ ପ୍ରକୃତରେ ଏକ ଶିକ୍ଷାର୍ଥୀ ହୋଇଥାଇପାରେ । ଆପଣାକୁ ଆପେ ଅଧିକ ବଡ଼ ମନେ କରି, ଅନେକ ସମୟରେ ଅଜବ ପରିସ୍ଥିତିରେ ପଡ଼ିଯାଇଥାଉ ।

ଏକ ପ୍ରାଚୀନ ପ୍ରବାଦ କହେ, "ଯେଉଁ ଜ୍ଞାନୀ ଜାଣେ ଯେ ସେ ଜ୍ଞାନୀ, ପ୍ରକୃତରେ ସେ ଜଣେ ଶିକ୍ଷକ - ତାହାଙ୍କ ଠାରୁ ଶିକ୍ଷା ଗ୍ରହଣ କର, ଯେଉଁ ବ୍ୟକ୍ତି ଜାଣେ ଯେ, ସେ ଜାଣେ ନାହିଁ - ସେ ଜଣେ ଛାତ୍ର, ତାକୁ ଶିକ୍ଷା ଦିଅ । ଯେଉଁ ବ୍ୟକ୍ତି ଜାଣେ ନାହିଁ ଯେ, ସେ କିଛି ଜାଣେ ନାହିଁ - ସେ ମୂର୍ଖ । ତା'ଠାରୁ ଦୂରରେ ରୁହ ।" - ଏହି ପ୍ରବାଦ କେତେ ସତ୍ୟ !

ନମ୍ର ଲୋକଙ୍କୁ ଶିକ୍ଷା ଦେବା ସହଜ ଓ ସେ ସହଜରେ ଶିଖେ । କିନ୍ତୁ ଗର୍ବୀ ନିଜେ ସବୁ ଜାଣେ ବୋଲି ମନେ କରୁଥିବାରୁ, ତାହାକୁ ଶିକ୍ଷା ଦେବା କଷ୍ଟକର କାମ । ପ୍ରକୃତରେ ସେ ବହୁତ ଅଳ୍ପ ଜାଣିଛି । "ସେ ନମ୍ରଲୋକଙ୍କୁ ବିଚାର ମାର୍ଗରେ କଢ଼ାଇ ନେବେ ଓ ନମ୍ରଲୋକଙ୍କୁ ଆପଣା ପଥ ଶିଖାଇବେ ।" (ଗୀତ ୨୫:୯)

ପର୍ବତ ଉପଦେଶରେ ଯୀଶୁପ୍ରଭୁ ଉପଦେଶ ଦେଇ କହିଲେ, "ନମ୍ର ଲୋକେ ଧନ୍ୟ, କାରଣ ସେମାନେ ପୃଥିବୀର ଅଧିକାରୀ ହେବେ, ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକ ଧନ୍ୟ ସେମାନେ ପରିତୃପ୍ତ ହେଲେ ।" (ମାଥିଉ ୫:୫-୬) । ନମ୍ର ଲୋକ ଈଶ୍ୱରଙ୍କ ବାକ୍ୟ ଶୁଣି ଶିକ୍ଷା ଗ୍ରହଣ କରନ୍ତି । ଆଜ୍ଞାବହ ହୋଇ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ତ'ଦ୍ୱାରା ସେମାନେ ଏହି ଇହଜଗତର ସମାପ୍ତି ପରେ ସ୍ୱର୍ଗରେ ସ୍ଥାନ ପାଆନ୍ତି ।

***- David Macy***

❋❋❋


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Sri Lanka** ଦ୍ୱାରା ଶୁଣନ୍ତୁ

ଦିନ : ପ୍ରତି ରବିବାର, ସମୟ : ସକାଳ ଘ ୬.୪୫ ମି

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*

# ପରମେଶ୍ୱରଙ୍କ ପ୍ରେମ ପ୍ରଚାର କରିବା
## (Preaching the Love of God)

**ପରମେଶ୍ୱରଙ୍କ ଆଜ୍ଞା ପ୍ରଚାର କରିବା ଦ୍ୱାରା ତାହାଙ୍କ ପ୍ରେମ ପ୍ରଚାର କରୁ :** ଯାହା ଆମ୍ଭମାନଙ୍କ ନିମନ୍ତେ ଉତ୍ତମ, ତାହା ସେ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି । ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ । ଆମ୍ଭମାନଙ୍କ ନିମନ୍ତେ ପ୍ରୟୋଜନୀୟ ବିଷୟ, ଆଶୀର୍ବାଦର ବିଷୟ ସେ ଅଟକାଇବେ ନାହିଁ । ଯାହା ଆମ୍ଭମାନଙ୍କ ନିମନ୍ତେ ଆଶୀର୍ବାଦଦାୟକ ତତ୍‌ବିନୁ ଅନ୍ୟ କୌଣସି ବିଷୟ ସେ କରିବା ନିମନ୍ତେ ଆଜ୍ଞା ଦେଇନାହାନ୍ତି । ଯାହା ଆମ୍ଭମାନଙ୍କ ନିମନ୍ତେ କ୍ଷତିଦାୟକ ତାହା ବିନୁ ସେ କୌଣସି ବିଷୟ ନ କରିବା ନିମନ୍ତେ ଆଜ୍ଞା ଦେଇନାହାନ୍ତି । ତାହାଙ୍କ ଆଜ୍ଞା ପ୍ରେମର ଆଜ୍ଞା । ସୁସମାଚାରର ବିକାଶ ଦ୍ୱାରା; ସେ ଆମ୍ଭମାନଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକାଶ କରିଅଛନ୍ତି ।

**କ୍ରୁଶର ବାର୍ତ୍ତା ପ୍ରଚାର କରିବା ଦ୍ୱାରା, ତାହାଙ୍କ ପ୍ରେମ ପ୍ରକଟ କରୁ :** ପରମେଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଆମ୍ଭମାନଙ୍କ ନିମନ୍ତେ ଦେଲେ । ଯୀଶୁଙ୍କ ବିସ୍ତାରିତ ହସ୍ତରେ, ପରମେଶ୍ୱରଙ୍କ ପ୍ରେମ ଅନୁଭବ କରିଥାଉ । ପୁତ୍ରଙ୍କ ମେଖ ବିନ୍ଧା ହସ୍ତ ଓ ପାଦରେ, ପିତା ଆମ୍ଭମାନଙ୍କ ଦ୍ୱାରା କେତେ ଯେ କଷ୍ଟଭୋଗ କଲେ ବୁଝିପାରୁ । ପାପର ଭୟଙ୍କର ଅପରାଧ ବିରୁଦ୍ଧରେ ପରମେଶ୍ୱରଙ୍କ କ୍ରୋଧ ଓ ମନୁଷ୍ୟର ଅଧୋପତନ ଯୀଶୁଙ୍କ କଠୋର ମରଣ ନିମନ୍ତେ ବୁଝିପାରୁ । ପାପର ଭୟଙ୍କରତା ଅପରାଧ ବିରୁଦ୍ଧରେ ପରମେଶ୍ୱରଙ୍କ କ୍ରୋଧ ଓ ମନୁଷ୍ୟର ଅଧଃପତନ ଯୀଶୁଙ୍କ କଠୋର ମରଣ ଦ୍ୱାରା ବୁଝିପାରୁ । ଯୀଶୁଙ୍କ କ୍ରୁଶୀୟ ମୃତ୍ୟୁ, ପରମେଶ୍ୱରଙ୍କ ପ୍ରେମର ବିଜୟ । "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ରୋମୀୟ ୫:୮)

**ପରମେଶ୍ୱରଙ୍କ ଦୟା ଓ ଦୀର୍ଘ ସହିଷ୍ଣୁତା ପ୍ରଚାର କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ପ୍ରେମ ପ୍ରଚାର କରୁ :–** ପରମେଶ୍ୱରଙ୍କ ଅନୁଗ୍ରହର ଦାନ ଆମ୍ଭମାନଙ୍କୁ ଦତ୍ତ ହୋଇଅଛି, ଯେପରି ଆମ୍ଭେମାନେ ଆମ୍ଭମାନଙ୍କ ପାପରୁ ମୁକ୍ତ ହୋଇପାରୁ । "ସେ ଆମ୍ଭମାନଙ୍କ ପାପ ପ୍ରମାଣେ ଆମ୍ଭମାନଙ୍କ ପ୍ରତି ବ୍ୟବହାର

କରିନାହାନ୍ତି, କିଅବା ଆମ୍ଭମାନଙ୍କ ଅଧର୍ମାନୁସାରେ ଆମ୍ଭମାନଙ୍କୁ ପ୍ରତିଫଳ ଦେଇନାହାନ୍ତି ।'' (ଗୀତ ୧୦୩:୧୦) । ସେ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧିର ଓ ଅତ୍ୟନ୍ତ ଦୟାଳୁ । କଠିନ ହୃଦୟୀମାନେ ପରମେଶ୍ୱରଙ୍କ କ୍ରୋଧ ବିଷୟରେ ଶୁଣିବା ଆବଶ୍ୟକ, ନଚେତ୍ ସେମାନେ ଅଧର୍ମର ବୀଜ ବୁଣି ଧାର୍ମିକତାର ଫଳ କାଟିବେ ବୋଲି ଭ୍ରାନ୍ତ ହେବେ । କିନ୍ତୁ ଯେଉଁ ପାପୀମାନେ ପରମେଶ୍ୱରଙ୍କ ବାକ୍ୟ ଶୁଣି ପାଳନ କରନ୍ତି, ସେମାନେ ବିନଷ୍ଟ ନହୋଇ ଅନନ୍ତଜୀବନ ପ୍ରାପ୍ତ ହେବେ । ଏହା ହିଁ ସୁସମାଚାର ।

**ପରମେଶ୍ୱରଙ୍କ ସ୍ୱଭାବ ଓ ମହାନତା ପ୍ରଚାର କରି, ତାହାଙ୍କ ପ୍ରେମ ପ୍ରକଟ କରୁ :-** ''ପରମେଶ୍ୱର ଏହି ବିଶ୍ୱ ଓ ତନ୍ମଧ୍ୟସ୍ଥ ସମସ୍ତ ସୃଷ୍ଟି କଲେ ।'' ''ପରମେଶ୍ୱର ମହାନ୍ ଅଟନ୍ତି'', ''ପରମେଶ୍ୱର ଉତ୍ତମ ଅଟନ୍ତି'' ଛୋଟ ଛୋଟ ବାଳକ ବାଳିକା ଏହି ବାକ୍ୟ ସବୁ ଶିକ୍ଷା କରିଥାନ୍ତି । ଆମ୍ଭେମାନେ ଯଦି ''ପରମେଶ୍ୱର ପ୍ରେମ ଅଟନ୍ତି'' ବୋଲି ବିଶ୍ୱାସ କରୁନାହୁଁ, ତେବେ ପରମେଶ୍ୱରଙ୍କ ଠାରେ ଆମ୍ଭମାନଙ୍କ ବିଶ୍ୱାସ ବୃଥା । ପରମେଶ୍ୱରଙ୍କ ପ୍ରେମର ଯଦି ଆମ୍ଭେମାନେ ବୁଝିପାରୁନାହୁଁ, ପରମେଶ୍ୱରଙ୍କୁ ବୁଝି ପାରୁନାହୁଁ । ''ଈଶ୍ୱରଙ୍କୁ ପ୍ରେମ କରୁଅଛି ବୋଲି କହି ଯଦି କେହି ଆପଣା ଭାଇକୁ ଘୃଣା କରେ, ତାହା ହେଲେ ସେ ମିଥ୍ୟାବାଦୀ, ଯେଣୁ ଯେଉଁ ଭାଇକୁ ଦେଖିଅଛି, ଯଦି ତାହାକୁ କେହି ପ୍ରେମ ନ କରେ, ତାହା ହେଲେ ଯେଉଁ ଈଶ୍ୱରଙ୍କୁ ସେ ଦେଖିନାହିଁ, ତାହାକୁ ସେ ପ୍ରେମ କରିପାରେ ନାହିଁ ।'' (୧ମ ଯୋହନ ୪:୨୦) । ଆମ୍ଭମାନଙ୍କ ପରମେଶ୍ୱର ପ୍ରେମମୟ ଅଟନ୍ତି । ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ ।

**ଅନ୍ୟମାନଙ୍କୁ ସାହାଯ୍ୟ କରି ପରମେଶ୍ୱରଙ୍କ ପ୍ରେମ ପ୍ରଚାର କରୁ:-** ଅନ୍ୟମାନଙ୍କ ସେବାର୍ଥେ ସଦାପ୍ରଭୁ ଆମ୍ଭମାନଙ୍କ ହସ୍ତ, ତାହାଙ୍କ ହସ୍ତରୂପେ ମନୋନୀତ କରିଅଛନ୍ତି । ଅନ୍ୟମାନଙ୍କ ନିକଟରେ ତାହାଙ୍କ ବାଣୀ ଶୁଣାଇବା ନିମନ୍ତେ ଆମ୍ଭମାନଙ୍କ ମୁଖକୁ ସେ ମନୋନୀତ କରିଅଛନ୍ତି । ଆମ୍ଭେମାନେ ଏହି ଜଗତର ଜ୍ୟୋତି । ଆମ୍ଭମାନଙ୍କ ଅପରାଧ ଦ୍ୱାରା ଆମ୍ଭମାନଙ୍କ ଜୀବନ ଅପବିତ୍ର ହୁଏ ଓ ପରମେଶ୍ୱରଙ୍କ ନାମ ନିନ୍ଦିତ ହୁଏ । ଦୟାଳୁ ପରମେଶ୍ୱରଙ୍କ ସଦୃଶ୍ୟ ଆମ୍ଭେମାନେ ଦୟାଳୁ ହେଉ । ସଦାପ୍ରଭୁଙ୍କ

ଦୟା ଯଦି ମନୁଷ୍ୟମାନେ ଆମ୍ଭମାନଙ୍କ ଜୀବନ ଦ୍ୱାରା ଦେଖି ନପାରନ୍ତି, ତେବେ କାହା ଦ୍ୱାରା ଦେଖିପାରିବେ ? **ପ୍ରେମମୟ ପରମେଶ୍ୱର ମନୁଷ୍ୟମାନଙ୍କୁ ପ୍ରେମ କରିବା ସଦୃଶ୍ୟ ଆମ୍ଭେମାନେ ମନୁଷ୍ୟମାନଙ୍କୁ ପ୍ରେମ କରୁ ।** ଆମ୍ଭମାନଙ୍କ ଉତ୍ତମ କାର୍ଯ୍ୟ ଦ୍ୱାରା ପରମେଶ୍ୱର ମହିମାନ୍ୱିତ ହେବେ । ସେମାନେ ସାହାଯ୍ୟ ନିମନ୍ତେ ସଦାପ୍ରଭୁଙ୍କୁ କ୍ରନ୍ଦନ କରିବା ସମୟରେ, ସେମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ସେମାନେ ପରମେଶ୍ୱରଙ୍କ ପ୍ରେମ ଜ୍ଞାତ ହେବେ ।

ଆସ, ଆମ୍ଭେମାନେ ସବୁ ସମୟରେ ସବୁ ବିଧାନରେ ପରମେଶ୍ୱରଙ୍କ ପ୍ରେମ ପ୍ରଚାର କରିବା ।

***- Cecil. May Jr.***

❋❋❋

# ଆପଣଙ୍କ ସଫଳତାର ମାପ କଅଣ ?

## (By what do you measure success ?)

ମନୁଷ୍ୟ ଯାହା କିଛି କରେ, ପ୍ରତ୍ୟେକ କ୍ଷେତ୍ରରେ ସେ ସଫଳତା ଆଶା କରେ । ମନୁଷ୍ୟମାନେ ସଫଳତା ଲାଭ କରିବା ନିମନ୍ତେ ଯେକୌଣସି ବିଷୟ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଦୁର୍ଭାଗ୍ୟ ବଶତଃ, ମନୁଷ୍ୟମାନେ ଏହି ଜାଗତିକ ବିଷୟରେ ସଫଳତା ପ୍ରାପ୍ତି ନିମନ୍ତେ ତତ୍ପର ଅଟନ୍ତି । ଧନସମ୍ପଦ, ସାମାଜିକ ସ୍ଥିତି, ଶିକ୍ଷା ପ୍ରଭୃତି ସେମାନଙ୍କ ସଫଳତାର ମାପ ।

ଖ୍ରୀଷ୍ଟିୟାନମାନେ ନର ମାତ୍ର ସେମାନେ ମଧ୍ୟ ଏହି ଦୌଡ଼ର ଭାଗୀ । ଆପଣ କିପରି ଆପଣା ସଫଳତା ମାପୁଅଛନ୍ତି ? ଆପଣଙ୍କ ମାପ କି ଏହି ଜାଗତିକର ଧନସମ୍ପଦ ? ସହକର୍ମଚାରୀମାନଙ୍କ ଠାରୁ ଅଧିକ ରୋଜଗାର କରିବା ହିଁ କି ଆପଣଙ୍କ ଲକ୍ଷ୍ୟ ? ମଣ୍ଡଳୀର ଅଧ୍ୟକ୍ଷ କିଅବା ଅଧିକ ସଂଖ୍ୟକ ମଣ୍ଡଳୀର ପ୍ରଚାରକ ହେବା କି ଆପଣଙ୍କ ଲକ୍ଷ୍ୟ ?

ଜାଗତିକ ମାପରେ ଆପଣାମାନଙ୍କୁ ଯୋଗ୍ୟ କରିବା ନିମନ୍ତେ ଆମ୍ଭମାନଙ୍କ ଉପରେ ଚାପ ପଡ଼ିଥାଏ । ଅନ୍ୟମାନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଚାଲିବା ନିମନ୍ତେ ଅନେକ ସମୟରେ ଆମ୍ଭମାନଙ୍କୁ ଅନେକ ବିଷୟ ବୁଝାମଣା କରିବାକୁ

ପଡ଼ିଥାଏ । ଏତଦ୍ୱାରା ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟ ଗୁଣ ତ୍ୟାଗ କରି, ଜାଗତିକ ମନୁଷ୍ୟମାନଙ୍କ ସଦୃଶ୍ୟ ହୋଇଥାଉ ଏବଂ ଆମ୍ଭେମାନେ ତ୍ରାଣକର୍ତ୍ତା ଓ ସୃଷ୍ଟିକର୍ତ୍ତାଙ୍କ ଅସନ୍ତୋଷ ପାତ୍ର ହୋଇଥାଉ । ଜାଗତିକ ଦୃଷ୍ଟିରେ ସଫଳତା ପ୍ରାପ୍ତ ହେଲେ ସୁଦ୍ଧା, ପରମେଶ୍ୱର ଦୃଷ୍ଟିରେ ଅସଫଳତା ପାଇଥାଉ ।

ମନୁଷ୍ୟମାନଙ୍କ ସ୍ଥିତି ବିଷୟରେ କହିବାକୁ ଯାଇ, ଯୀଶୁ କହିଲେ, "....ତେବେ ସ୍ୱର୍ଗରାଜ୍ୟରେ କିଏ ଶ୍ରେଷ୍ଠ ? ସେ ଗୋଟିଏ ସାନ ପିଲାକୁ ପାଖକୁ ଡାକି ସେମାନଙ୍କ ମଧ୍ୟରେ ଠିଆ କରାଇ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ । ଅତଏବ, ଯେ କେହି ଏହି ସାନ ପିଲା ପରି ଆପଣାକୁ ନମ୍ର କରେ, ସେ ସ୍ୱର୍ଗରାଜ୍ୟରେ ଶ୍ରେଷ୍ଠ ।" (ମାଥିଉ ୧୮:୧-୪) । ପର୍ବତ ଉପଦେଶରେ ସେ କହିଲେ, "ଅତଏବ, ଯେକେହି ଏହି ସମସ୍ତ କ୍ଷୁଦ୍ରତମ ଆଜ୍ଞା ପଥରୁ କୌଣସି ଗୋଟିଏ ଆଜ୍ଞା ଅମାନ୍ୟ କରେ ଓ ଲୋକଙ୍କୁ ସେହି ପ୍ରକାରେ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ କ୍ଷୁଦ୍ରତମ ବୋଲି ଖ୍ୟାତ ହେବ । କିନ୍ତୁ ଯେକେହି ସେହି ସମସ୍ତ ପାଳନ କରେ ଓ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ ମହାନ ବୋଲି ଖ୍ୟାତ ହେବ ।" (ମାଥିଉ ୫:୧୯) ସମାଜରେ ମନୁଷ୍ୟମାନଙ୍କ ସ୍ଥାନ ବିଷୟରେ କହିବାକୁ ଯାଇ ଯୀଶୁଖ୍ରୀଷ୍ଟ କହିଲେ, "ତୁମ୍ଭମାନଙ୍କ ମଧ୍ୟରେ ଯେକେହି ମହାନ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ସେବକ ହେଉ । ଆଉ ଯେକେହି ପ୍ରଧାନ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ଦାସ ହେଉ ଯେପରି ମନୁଷ୍ୟ ପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପେ ପ୍ରାଣ ଦେବାକୁ ଆସିଅଛନ୍ତି । ମନୁଷ୍ୟର ନାମ ଓ ପଦବୀ ବିଷୟରେ ସେ କହନ୍ତି, "....ତୁମ୍ଭମାନଙ୍କ ମଧ୍ୟରେ ଯେଉଁ ଲୋକ ଶ୍ରେଷ୍ଠ, ସେ ତୁମ୍ଭମାନଙ୍କର ସେବକ ହେବ । ଆଉ, ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, ପୁଣି ଯେକେହି ଆପଣାକୁ ନତ କରେ, ତାହାଙ୍କୁ ଉନ୍ନତ କରାଯିବ ।" (ମାଥିଉ ୨୩:୧୧, ୧୨)

ନମ୍ରତା, ଆଜ୍ଞାବହତା, ସେବା, ତ୍ୟାଗ, ସମର୍ପିତ ଜୀବନ, ବିଶ୍ୱସ୍ତତା ଦ୍ୱାରା ଯୀଶୁଖ୍ରୀଷ୍ଟ ସଫଳତା ମାପି ଅଛନ୍ତି । ଆମ୍ଭେମାନେ ଜାଗତିକ ଭାବେ ଧନବାନ୍ ନ ହେଲେ ହେଁ, ଯଦି ଆମ୍ଭେମାନେ ଶୁଦ୍ଧ ହୃଦୟରେ ଯୀଶୁଙ୍କ ପଦଚିହ୍ନ ଅନୁସରଣ କରୁ,

ତେବେ ନିଶ୍ଚିତ ଭାବେ ଆତ୍ମିକତା ସଫଳତା ଲାଭ କରିବୁ । ଯୀଶୁ ଆମ୍ଭମାନଙ୍କ ବାହ୍ୟିକ ରୂପ, ବାହ୍ୟିକ ସ୍ଥିତି ଦେଖୁନାହାନ୍ତି, ବରଂ ଆତ୍ମିକ ରୂପ ଓ ଆତ୍ମିକ ସ୍ଥିତି ଦେଖୁଅଛନ୍ତି । ସେ ଆମ୍ଭମାନଙ୍କ ଅନ୍ତରଙ୍ଗ ଚିହ୍ନନ୍ତି ।

ଆସ ଆମ୍ଭେମାନେ ମହୋତ୍ତର ବିଷୟ ଗୁଡିକର ଅନୁସରଣ କରୁ । ଅନ୍ୟମାନଙ୍କୁ ନଦେଖି, ଯୀଶୁଙ୍କୁ ଦେଖୁ । ଆମ୍ଭେମାନେ ଅନ୍ୟମାନଙ୍କ ସେବା ଆକାଂକ୍ଷା ନକରି, ଆମ୍ଭେମାନେ ଅନ୍ୟମାନଙ୍କ ସେବା କରୁ । ଜାଗତିକ ସମ୍ମାନ ଆଶା ନକରି ସଦାପ୍ରଭୁଙ୍କ କାର୍ଯ୍ୟରେ ନିମଗ୍ନ କରୁ । ଗ୍ରହଣ କରିବା ଠାରୁ ଦାନ କରିବା ଶ୍ରେୟସ୍କର ଏହା ସର୍ବଦା ମନେ ରଖୁ । ଆମ୍ଭମାନଙ୍କ ନିମନ୍ତେ କେବଳ ସଞ୍ଚୟ କରିବାରେ ସମୟ ନ ବିତାଇ, ସଞ୍ଚିତ ବିଷୟ ଉପଯୁକ୍ତ ଭାବେ ବ୍ୟୟ କରିବା ଶିକ୍ଷା କରୁ । ଆସ, ଆମ୍ଭେମାନେ ଆପଣାକୁ ତାହାଠାରେ ସମର୍ପଣ କରୁ । ତେବେ ହେଁ, ଆମ୍ଭେମାନେ ଈଶ୍ୱରଙ୍କ ଦୃଷ୍ଟିରେ ସଫଳତା ଲାଭ କରି ପାରିବା ।

***- K.S. Swamidas***

Hear **"SATYAVANI"** in ORIYA

A Radio Programme presented by

Churches of Christ

on **Radio Srilanka**

**Every Sunday at 6.45 a.m.**

*Do not miss this great opportunity.*

*Tell others !*

**Edited & Published by : Kabita & Joshua Gootam**

# *On Fire For The Lord*

*Ecclesiastes 9:10*

**I. Colossians 3:23.**
A. Must obey as if christ were standing next to us.
B. Excitement builds only after we begin!.
C. Expiosion of fire draws more attention than a candle.
D. Be zealous to build up the church (1 Corinthians 14:12).

**II. Colossians 1:23.**
A. Gospel was preached to all of humanity.
B. Early disciples ran to teach the lost(Acts 8:30).
C. All members are preachers (Acts 8:4).

**III. Galatians 6:9.**
A. Do not give up on people or yourself!
B. We must find the good ground (Luke 8:9,10)
C. Through patience and perseverance,souls are won.
D. Some will not obey Christ,but we must plant.

**Conclusion:**
Fire is something that moves very repidly through dead fields of brush. Anything in its path is soon conquered. We can learn a great deal from fire. Our spirtiual fire should burn even more brightly! We should be zealous to spread throughout our community, reaching those who are dead in sin! We should let nothing stop us from our purpose. We can conquer and overcome (Roman 8:28)!

# *Overcoming Our Excuses*

*Romans 8:28*

I. Some Excuse-Markers from the Bible
A. Adam and Eve (Genesis 3:12,13).
B. Aaron(Exodus 32:22).
C. Saul(2 Samul 15:24).

D.One-Talentman(Matthew 25:24)

**II. Some Excuses We Use**

A.We pay a preacher to work for us.
All are to evangelize(Acts 8:4).

B. I don't have enough time.
Must make time(Hebrews 5:12).

C. My education level is too low.
Christ chose fishermen(Matthew 4:18,19).

D. I am Just too old.
Can't start after death.so when?

**III. James 2:17,18**

A. Faith without works is dead and profits nothing.

B. There are many examples of faith plus work:

1. Andrew(John 1:34-42).
2. Aquila and Prisicilla(Acts 15:35-40).
3. Philip(Acts 8).

**Conclusion:**

We must be reminded that God will not accept excuses. He does not make deals. He is not respecter of persons.

***Printed Book Only***

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)